# ପୋଖରୀରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ଧୁଷୁରୀ, ୧୧।୩ (ଦୀପ୍ତି ରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ କୋଠାର ପଞ୍ଚାୟତ ବାଙ୍କସାହି ଗ୍ରାମର ନିଖୋଜ ସମୀର ରାଉତ(୧୮)ଙ୍କ ମୃତଦେହ ସୋମବାର ରାତିରେ ଏକ ପୋଖରୀରୁ ମିଳିଛି। ସୂଚନା ଅନୁଯାୟୀ, ସମୀର ରବିବାର ନିକଟସ୍ଥ ପୋଖରୀକୁ ଶୌଚ ହେବା ପାଇଁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ସୋମବାର ରାତିରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗାଁ ଲୋକେ ଧୁଷୁରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଧୁଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୫) ରୁଜୁ କରାଯାଇଛି।

# ଆଇଆଇସି ବିନା ଚାଲିଛି ଥାନା

ତିହିଡ଼ି, ୧୧।୩(ସଞ୍ଜିତ ବଳ)

ଆଉ ମାତ୍ର ୨ଦିନ ପରେ ହୋଲି। ଏହି ପର୍ବରେ ଗାଁଠୁ ସହର, ବଜାର ଉତ୍ସବ ମୁଖରିତ ହେବ। ବିଭିନ୍ନ ସ୍ଥାନରେ ହେବ ଦୋଳ ଓ କୁମ୍ଭ ମେଳଣ। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏପରି ସ୍ଥଳେ ଆଇନଶୃଙ୍ଖଳା ବଜାୟ ରଖିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିବା ବେଳେ ତିହିଡ଼ି ଓ ପୀରହାଟ ଥାନାରେ ଆଇଆଇସି ପଦବୀ ଖାଲି ପଡ଼ିଥିବାରୁ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବିନା ଆଇଆଇସିରେ ୨ ଥାନା ଚାଲିଛି। ସେହିପରି ୨ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ମଧ୍ୟ ନାହାନ୍ତି। ଅପରପକ୍ଷେ ଏହି ୨ ଥାନାକୁ ସୁପରିଚାଳନାର ଦାୟିତ୍ୱ ନେଉଥିବା ଚାନ୍ଦବାଲି ଏସ୍‌ଡିପିଓ ପଦବୀ ୫ ମାସ ହେଲା ଖାଲି ପଡ଼ିଛି। ଫଳରେ ଅପରାଧ ନିୟନ୍ତ୍ରଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ନାହାନ୍ତି ଆବଶ୍ୟକ ସଂଖ୍ୟକ କର୍ମଚାରୀ

ଗତ ଜାନୁଆରୀ ୩୧ରେ ତିହିଡ଼ି ଥାନା ଆଇଆଇସିଙ୍କ ଅନ୍ୟତ୍ର ବଦଳି ହେବା ପରଠାରୁ ଏହି ପଦବୀ ଫାଙ୍କା ପଡ଼ିଛି। ସେହିପରି ଥାନାରେ ୫ ଏସ୍‌ଆଇଙ୍କ ସ୍ଥାନରେ ୩, ୮ ଏଏସ୍‌ଆଇଙ୍କ ସ୍ଥାନରେ ୫ଜଣ ଥିବାବେଳେ ଆଉ ୫ କନ୍‌ଷ୍ଟେବଲ ଆବଶ୍ୟକ। ଥାନାରେ ୩ ହାବିଲଦାର ଥିଲେ ମଧ୍ୟ ୨ଜଣ ଚଳିତମାସ ୩୧ ତାରିଖରେ ଅବସର ନେବେ। ଜିଲାର ବିଭିନ୍ନ ବ୍ଲକର ଉତ୍ସବ ସମୟରେ ଏହି କର୍ମଚାରୀଙ୍କ ମଧ୍ୟରୁ କେତେଜଣଙ୍କୁ ମଧ୍ୟ ସେଠାରେ ଡ୍ୟୁଟି କରିବାକୁ ପଡ଼ିଥାଏ। ଏହାବ୍ୟତୀତ ପରୀକ୍ଷା ସମୟରେ ଏବଂ ମୁଖ୍ୟ କାର୍ଯ୍ୟାଳୟ ଡ୍ୟୁଟିରେ ମଧ୍ୟ ପୋଲିସ ନିୟୋଜିତ ହୋଇଥାନ୍ତି। ଫଳରେ ଥାନାରେ ଏକପ୍ରକାର ଅଚଳାବସ୍ଥା ଉପୁଜୁଛି। ଥାନା ଅଧୀନରେ ୧୯ ପଞ୍ଚାୟତ ଥିବାବେଳେ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟ ରହିଛି। ସେହିସବୁ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା କଷ୍ଟସାଧ ହେଉଛି। ସେହିପରି ଗତ ଫେବୃଆରୀ ୧୫ରୁ ପୀରହାଟ ଥାନା ଆଇଆଇସିଙ୍କ ଅନ୍ୟତ୍ର ବଦଳି ପରେ ଉକ୍ତ ପଦବୀ ପୂରଣ ହୋଇନାହିଁ। ଏହାବ୍ୟତୀତ ୩ ଏସ୍‌ଆଇଙ୍କ ସ୍ଥାନରେ ଜଣେ ମହିଳା ଏସ୍‌ଆଇଙ୍କ ସମେତ ୨ଜଣ, ୩ ଏଏସ୍‌ଆଇଙ୍କ ସ୍ଥାନରେ ଜଣେ ଏବଂ ୧୨ କନ୍‌ଷ୍ଟେବଲଙ୍କ ସ୍ଥାନରେ ମାତ୍ର ୫ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ମହିଳା କନ୍‌ଷ୍ଟେବଲ ଥିବାବେଳେ ଅନ୍ୟ ୨ଜଣ ୧୧୨(ଇ ଆର୍‌ଏସ୍‌ଏସ୍) ଭ୍ୟାନ୍‌ରେ ନିୟୋଜିତ ରହୁଛନ୍ତି। ଥାନାରେ ମାତ୍ର ୨ଜଣ ହୋମ୍‌ଗାର୍ଡ ରହୁଛନ୍ତି। ଏହି ଥାନା ଅଧୀନରେ ୧୨ଟି ପଞ୍ଚାୟତ ଥିବାବେଳେ ବାରସର, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର, ନରେନ୍ଦ୍ରପୁର ପରି ପଞ୍ଚାୟତ ସବୁ ଥାନାଠାରୁ ୧୨ କି.ମି.ରୁ ଊର୍ଦ୍ଧ୍ୱ ଦୂର। ଏସବୁ ସ୍ଥାନରେ କୌଣସି ଆପରାଧିକ ପରିସ୍ଥିତି ଉପୁଜିଲେ ଏହାକୁ ନିୟନ୍ତ୍ରଣ କରିବା ପୋଲିସ ପାଇଁ କାଠିକର ହୋଇଛି। ଆସନ୍ତା ୧୪ ତାରିଖରେ ଦୋଳ ପୂର୍ଣ୍ଣିମା। ସେହି ରାତିରୁ ବ୍ଲକର କାଳୀମେଘା, ଝାଡ଼ପଟା ଓ ତିହିଡ଼ି ମେଳଣ ଏକସାଙ୍ଗରେ ଆରମ୍ଭ ହୋଇ ପରଦିନ ଅପରାହ୍ନରେ ଶେଷ ହେବ। ସେହିସବୁ ମେଳଣରେ ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାରୁ ପରିସ୍ଥିତି ନିୟନ୍ତ୍ରଣ କରିବା ପୋଲିସ ପାଇଁ କଷ୍ଟସାଧ ହେବ ବୋଲି ଆଲୋଚନା ହେଉଛି। ସେହିପରି ବାରୋ, କୋହ୍ଲ ଇତ୍ୟାଦି ସ୍ଥାନରେ ଦୋଳ ପୂର୍ଣ୍ଣିମା ଅପରାହ୍ନରୁ କୁମ୍ଭ ମେଳଣ ଆରମ୍ଭ ହୋଇ ରାତିରେ ଶେଷ ହେବ। ଏହି ପରିପ୍ରେକ୍ଷୀରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପୋଲିସ କର୍ମଚାରୀ ନିୟୋଜିତ କରିବାକୁ ଦାବି ହୋଇଛି।

# ୯୭ ସାହିତ୍ୟିକ ସମ୍ବର୍ଦ୍ଧିତ


ସମାରୋହରେ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ, ୧୧।୩ (ରବିନାରାୟଣ ଖିଲାର)

## ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ

ଭଦ୍ରକ କାନ୍ତକବି ସାହିତ୍ୟ ପରିଷଦର ତୃତୀୟ ବାର୍ଷିକ ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ ରବିବାର ସନ୍ଧ୍ୟାରେ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡ. ଅମୂଲ୍ୟ ସେନାପତିଙ୍କ ଉଦ୍ୟମରେ ଆୟୋଜିତ ଏହି ସମାରୋହରେ ପ୍ରଥମ ଅଧିବେଶନରେ ଉପଦେଷ୍ଟା ଦୀନରଞ୍ଜନ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଡ. ଅଲେଖ ପ୍ରସାଦ ମହାରଣା, ବରିଷ୍ଠ କବି ଇଂ. ଅଭୟ ସୂତାର, ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ଯୁବ ଗାଳ୍ପିକ ବିପ୍ଲବ ପତି, ହାସ୍ୟକବି ବୈରାଗୀ ଚରଣ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ଶ୍ରୀକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ୨ୟ ଅଧିବେଶନରେ ବ୍ୟଙ୍ଗକବି ଜ୍ଞାନ ହୋତା ମୁଖ୍ୟଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଓ କବି ଡ. ଲକ୍ଷ୍ମୀକାନ୍ତ ଦାଶ ଯୋଗଦେଇ କାନ୍ତ ସାହିତ୍ୟର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ପୁସ୍ତକ 'କାନ୍ତ କବିତାମାଳା' ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କବୟିତ୍ରୀ ଜାନକୀ ପାଢ଼ୀ, ସଂଯୁକ୍ତା ବଳ ନାୟକ, ଶଶିକଳା ମିଶ୍ର, ଦମୟନ୍ତୀ ରାଉତ, ସୁଶ୍ରୀ ସାହୁ, ମନୋରମା ରାୟଙ୍କ ସମେତ ୯୭ଜଣ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ଶୁଭ୍ରାଂଶୁ ମାହନ୍ତ ଧନ୍ୟବାଦ ଦେଇଥିଲେ। ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ, ଫକୀର ମୋହନ ସେନାପତିଙ୍କ 'ପେଟେଣ୍ଟ ମେଡିସିନ' ପରିବେଷଣ ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ନ୍ୟାୟ ଦାବିରେ ପେଟ୍ରୋଲ ବୋତଲ ଧରି ଧାରଣା

ଚାନ୍ଦବାଲି, ୧୧।୩(କିଷାନ ପାତ୍ର)

## ଯୌତୁକ ପାଇଁ ସ୍ତ୍ରୀଙ୍କୁ ମାଡ଼ ଘଟଣା

ବିବାହର ୧୫ ବର୍ଷ ପରେ ୩ ଲକ୍ଷ ଟଙ୍କା ଯୌତୁକ ଦାବି କରି ସ୍ତ୍ରୀଙ୍କୁ ମାଡ଼ ମାରି ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଫିଙ୍ଗି ଦେଇଥିଲେ ସ୍ୱାମୀ। ବାପଘର ଲୋକେ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଗତ ମାସ ୨୮ ତାରିଖରେ ଚାନ୍ଦବାଲି ଏନ୍‌ଏସି ଅଧୀନ ନୟାହାଟ ଗାଁରେ ଏଭଳି ଘଟଣା ଘଟିଥିବା ବେଳେ ମହିଳାଙ୍କ ବାପଘର ଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଏହାମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇ ନ ଥିବାରୁ ନ୍ୟାୟ ଦାବିରେ ରଶ୍ମିତା ଦାସ ନାମ୍ନୀ ମହିଳାଙ୍କ ସମେତ ତାଙ୍କ ବାପଘର ଲୋକ ମଙ୍ଗଳବାର ଚାନ୍ଦବାଲି ପୂର୍ବାହ୍ନରେ ଥାନା ଆଗରେ ପେଟ୍ରୋଲ ବୋତଲ ଧରି ଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ନୟାହାଟ ଗାଁର ମନମୋହନ ବାରିକ ଭାଟପଡ଼ା ପଞ୍ଚାୟତ ଚାନ୍ଦପୁର ଗାଁର ସୂର୍ଯ୍ୟମଣି ଦାସଙ୍କ ଝିଅ ରଶ୍ମିତାଙ୍କୁ ପ୍ରେମବିବାହ କରିଥିଲେ। ବିବାହର ୩ ବର୍ଷ ପରେ ବିଭିନ୍ନ ସମୟରେ ଯୌତୁକ ଦାବି କରି ସେ ରଶ୍ମିତାଙ୍କୁ ମାଡ଼ ମାରୁଥିଲେ। ଗତ ୨୮ତାରିଖ ଅପରାହ୍ନରେ ସେ ରଶ୍ମିତାଙ୍କ ତଣ୍ଟି ଚିପି ମାଡ଼ ମାରିବା ସହ ଏକ ଝାଡ଼ୁ ବାଡ଼ିରେ ବାଡ଼େଇ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ଫିଙ୍ଗି ଦେଇଥିଲେ। ଖବର ପାଇ ବାପଘର ଲୋକେ ପହଞ୍ଚି ରଶ୍ମିତାଙ୍କୁ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ପ୍ରଥମେ ଚାନ୍ଦବାଲି ଥାନାକୁ ନେଇଥିଲେ। ପରେ ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ପୋଲିସ ଏନେଇ ଏକ ମାମଲା (ନଂ.୬୫/୨୫) ରୁଜୁ କରିଥିଲେ ହେଁ ତାଙ୍କ ସ୍ୱାମୀଙ୍କୁ ଗିରଫ କରୁ ନ ଥିବାରୁ ରଶ୍ମିତାଙ୍କ ସମେତ ବାପଘର ଲୋକ ନ୍ୟାୟ ଦାବି କରି ପେଟ୍ରୋଲ ବୋତଲ ଧରି ଧାରଣା ଦେଇଥିଲେ। ନ୍ୟାୟ ନ ମିଳିଲେ ଥାନା ଆଗରେ ଆତ୍ମାହୁତି ଦେବେ ବୋଲି ରଶ୍ମିତା ଚେତାବନୀ ଦେଇଛନ୍ତି। ପୂର୍ବରୁ ସ୍ୱାମୀ ୫ ଥର ମାଡ଼ ମାରିବା ଅଭିଯୋଗରେ ରଶ୍ମିତା ଥାନାରେ ଏତଲା ଦେଇଥିଲେ। ଭଦ୍ରଲୋକଙ୍କ ମାଧ୍ୟମରେ ସମାଧାନ ହୋଇଥିଲା। ସୋମବାର ସେ ଭଦ୍ରକ ଅତିରିକ୍ତ ଏସ୍‌ପିଙ୍କୁ ଭେଟି ନ୍ୟାୟ ମାଗିଥିଲେ। ମଙ୍ଗଳବାର ରାତିରେ ପୋଲିସ ରଶ୍ମିତାଙ୍କ ଶାଶୁଘରକୁ ଯାଇ ଦାବି ଅନୁସାରେ ଆବଶ୍ୟକ ସାମଗ୍ରୀ ଆଣି ତାଙ୍କୁ ହସ୍ତାନ୍ତର କରିଛି।

# ସିଆଇଏସ୍‌ଏଫ୍‌ର ସାଇକେଲ ଶୋଭାଯାତ୍ରା



ଜିଲାପାଳ ଦିଲୀପ ରାଉତରାଏ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଚାନ୍ଦବାଲି, ୧୧।୩ (ଅଶୋକ ପଣ୍ଡା/କିଷାନ ପାତ୍ର)

ସିଆଇଏସ୍‌ଏଫ୍ ପକ୍ଷରୁ ସୁରକ୍ଷିତ ତଟ ସମୃଦ୍ଧ ଭାରତ ପାଇଁ ସାଇକେଲ ଶୋଭାଯାତ୍ରାକୁ ମଙ୍ଗଳବାର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରାଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୁରକ୍ଷିତ ତଟ ସମୃଦ୍ଧ ଭାରତ ଗଠନ ପାଇଁ କେନ୍ଦ୍ରୀୟ ଉଦ୍ୟୋଗ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) ପକ୍ଷରୁ ଚାଲିଥିବା ସଚେତନତା ସାଇକେଲ ରାଲି ଆସି ଧାମରାରେ ପହଞ୍ଚିଥିଲା। ଏହି ପରିପ୍ରେକ୍ଷୀରେ ଏଠାରେ ପଞ୍ଚମ ଦିନର ଶୋଭାଯାତ୍ରାକୁ ସକାଳ ୮ଟାରେ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସିଆଇଏସ୍‌ଏଫ୍‌ର ଅଧିକାରୀ ସେମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ଗୋଲ୍‌ଡେନ ଆଙ୍କର ହୋଟେଲରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସାଇକେଲ ରାଲିରେ ୫୦ଜଣ ଆରୋହୀ ଅଂଶଗ୍ରହଣ କରିଥିବା ବେଳେ ସେମାନେ ୬୫୫୩ କିଲୋମିଟର ଯାତ୍ରା କରିବେ। ସୁରକ୍ଷିତ ତଟ ସମୃଦ୍ଧ ଭାରତ ଗଠନ କରିବା ସହ ସୁସ୍ଥ ପରିବେଶ ଗଠନ ଏହାର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି।

# 'ଶୈକ୍ଷିକ ସଂସ୍କୃତିର ନିପୁଣ କାରିଗର ଥିଲେ ଶତ୍ରୁଘ୍ନ'


ଶ୍ରାଦ୍ଧବାର୍ଷିକୀ ସମାରୋହରେ ଉପସ୍ଥିତ ଅତିଥି।

ଭଦ୍ରକ, ୧୧।୩(ସନାତନ ରାଉତ)

ଶିକ୍ଷା ଓ ସଂସ୍କୃତିକୁ ନେଇ ସ୍ୱର୍ଗତ ଶତ୍ରୁଘ୍ନ ନାଥ ୪୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ଶିକ୍ଷା ଓ ସଂସ୍କୃତିର ମାର୍ଗଦର୍ଶକ ସାଜିଥିଲେ। ଭଦ୍ରକ ବ୍ଲକର ଉତ୍ତରବାହିନୀ ଗ୍ରାମରେ ୧୯୧୫ରେ ଜନ୍ମଲାଭ କରିଥିବା ଶତ୍ରୁଘ୍ନ ତାଙ୍କ ରଚନା ପାଇଁ ଦେଶ ବିଦେଶରେ ପରିଚୟ ଲାଭ କରିଥିଲେ। ଶୈକ୍ଷିକ ସଂସ୍କୃତିର ସେ ନିପୁଣ କାରିଗର ଥିଲେ ବୋଲି ଊନବିଂଶତମ ଶ୍ରାଦ୍ଧବାର୍ଷିକୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ସନ୍ଧ୍ୟା ୬ଟାରେ ଜିଲା ସଂସ୍କୃତି ଭବନରେ ସ୍ମୃତି କମିଟି ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାପ୍ରସନ୍ନ ଦାସ, ମୁଖ୍ୟବକ୍ତା ଅଧ୍ୟାପକ ଶିବପ୍ରସାଦ ଖାମୁରାଇ, ଅନ୍ୟତମ ଅତିଥି ଭାବେ ପ୍ରାବନ୍ଧିକ ଡା. ଦୁର୍ଯ୍ୟୋଧନ ଦାସ ଓ ଡ. ରାଧାରାଣୀ ମହାପାତ୍ର ସ୍ୱର୍ଗତ ନାଥଙ୍କ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଶତ୍ରୁଘ୍ନ ଶିକ୍ଷାଶାସ୍ତ୍ରରେ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ଲାଭ କରି କଟକ ଟ୍ରେନିଂ କଲେଜ, ରେଭେନ୍‌ଶା, ଅନୁଗୁଳ ଓ ଭଦ୍ରକ ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ରାଜ୍ୟ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଉନ୍ନୟନ ଅଧିକାରୀ ଭାବେ ତାଙ୍କ କାର୍ଯ୍ୟଦକ୍ଷତାର ପରିଚୟ ଦେଇଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ସ୍ମୃତି କମିଟି ସମ୍ପାଦକ ସୁଧାକର ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଗୋବର୍ଦ୍ଧନ ସାମଲ, ଡ. ରାମଚନ୍ଦ୍ର ପଣ୍ଡା, ଲଲାଟେନ୍ଦୁ ମହାନ୍ତି, ଏସ୍.ଏମ୍. ଫାରୁକ୍, ଡ. ଗୋଲକ ବିହାରୀ ସାହୁ, ଅଧ୍ୟାପକ ବିଜୟ ଦାସ, ପ୍ରାଧ୍ୟାପକ ବାସୁଦେବ ବାରିକ, ପଦ୍ମନ ରାୟ, ଇଂ. ଅଖିଳ କୁମାର ପାଢ଼ୀ, ଡା. କିରଣ ଗୁଇଁ, ମୃତ୍ୟୁଞ୍ଜୟ ପଣ୍ଡା, ଇନ୍ଦ୍ରମଣି ପଣ୍ଡା, ବିଜୟ କୁମାର ସାହୁ, ଅଭୟ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଗଦାଧର ବଳ ଧନ୍ୟବାଦ ଦେଇଥିଲେ।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ସାବରଙ୍ଗ, ୧୧।୩(କାଳିପଦ ରାୟ)


ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ପ୍ରଦାନ କରାଯାଇଛି।

ବାସୁଦେବପୁର ରାମକୃଷ୍ଣ ବିଦ୍ୟାନିକେତନରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଭ୍ରାମ୍ୟମାଣ ଲୋକନାଥ ପାଠାଗାର ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରାଯାଇଛି। ପାଠାଗାରର ପ୍ରତିଷ୍ଠାତା ବିକାଶ କୁମାର ଶତପଥୀ ଗୌରବମୟ ଓଡ଼ିଆ ଭାଷାର ଅତୀତର କାହାଣୀକୁ ବିଦ୍ୟାର୍ଥୀମାନଙ୍କ ଗହଣରେ ବଖାଣିଥିଲେ। ଅତିଥି ଭାବେ ସାହିତ୍ୟିକ ଧନେଶ୍ୱର ରାଉତ, କବି ସଦାନନ୍ଦ ପାଣିଗ୍ରାହୀ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧୀରେନ୍ଦ୍ର କୁମାର ବାରିକ, ମୀନତିମଣି ବାରିକ, ଶକ୍ତିପ୍ରଭା ମଳିକ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟର ପ୍ରାଚୀନ ଇତିହାସ ସମ୍ପର୍କରେ କହିଥିଲେ। ଏହି ଅବସରରେ ପାଠାଗାର ପକ୍ଷରୁ ଓଡ଼ିଆ ବରପୁତ୍ରମାନଙ୍କ ଜୀବନୀ, ମନଛୁଆଁ କାହାଣୀ, କବିତା ଆଦି ପୁସ୍ତକ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା। 'ବାଇଚଢ଼େଇ'ର ଶିଶୁ ସମ୍ପାଦକ ବିନମ୍ର ଶତପଥୀ ଛାତ୍ରୀଛାତ୍ରଙ୍କୁ ପ୍ରାଚୀନ ଜିନିଷ ଦେଖାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଣ୍ଡାରିପୋଖରୀ ମୁନ୍‌ସୀ ମେଳଣ

ଭଣ୍ଡାରିପୋଖରୀ, ୧୧।୩(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନାରେ ୮୦ତମ ଐତିହାସିକ ମୁନ୍‌ସୀ ମେଳଣ ସୋମବାର ଆରମ୍ଭ ହୋଇଛି। ଘଟ ସ୍ଥାପନ ହୋଇ ପୂଜାର୍ଚ୍ଚନା କରାଯାଇଛି। ସବ୍‌ଇନ୍ସପେକ୍ଟର ମହାପ୍ରସାଦ ନାୟକ ଓ ତାଙ୍କ ସ୍ତ୍ରୀ ପ୍ରତିଭା ନାୟକ କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ବରିଷ୍ଠ ନାଗରିକ ଗୋଲକ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ମେଳଣ କମିଟି ସମ୍ପାଦକ ଅନନ୍ତ ତ୍ରିପାଠୀ, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ ଯୋଗଦେଇ ଏହି ମେଳଣ ପୋଲିସ ଓ ଜନସାଧାରଣଙ୍କ ସମ୍ପର୍କର ସେତୁ ଭାବେ ପରିଚିତ ବୋଲି କହିଥିଲେ। ମଙ୍ଗଳବାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ବୁଧବାର ମେଳଣ ସହ ଫଗୁଖେଳ ଅନୁଷ୍ଠିତ ହେବ। ଆଖପାଖର ବିମାନ ସବୁ ଥାନା ପଡ଼ିଆରେ ଏକତ୍ର ହେବ। ଥାନାର ସମସ୍ତ କର୍ମଚାରୀଙ୍କ ସମେତ ମେଳଣ କମିଟିର ସଦସ୍ୟମାନେ ଆୟୋଜନରେ ସହଯୋଗ କରୁଛନ୍ତି।

# ସର୍ବଭାରତୀୟ ଭଲିବଲ ଟୁର୍ନାମେଣ୍ଟ


ଅତିଥିଙ୍କ ସହ ଖେଳାଳିମାନେ।

ବାସୁଦେବପୁର, ୧୧।୩(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ମଣ୍ଡଳପୋଖରୀ ଯୁବକ ସଂଘ ଆନୁକୂଲ୍ୟରେ ମନ୍ଦାରୀସ୍ଥିତ ମଣ୍ଡଳପୋଖରୀଠାରେ ସୋମବାର ସନ୍ଧ୍ୟା ୭ଟା ୩୦ରେ ୧୦ମ ବାର୍ଷିକ ସର୍ବଭାରତୀୟ ପାରେଶ୍ୱର ମେମୋରିଆଲ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଭଗବାନ ପଣ୍ଡା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ଭାଜପା ଉପସଭାପତି ତଥା ଆୟୋଜକ ଯୁବକ ସଂଘ ସଭାପତି ଉଦୟ ନାରାୟଣ ମଲିକ ଯୋଗ ଦେଇଥିଲେ। ଇଣ୍ଡିଆନ ଆର୍ମି କୋଚି ଓ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୧ ସେଟ୍‌ରେ ଇଣ୍ଡିଆନ ଆର୍ମି କୋଚି ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ଜବଲପୁର ରେଲୱେ ଏବଂ ଓଭରସିସି ବ୍ୟାଙ୍କ ହାଇଦ୍ରାବାଦ ମଧ୍ୟରେ ୨ୟ ସେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ହାଇଦ୍ରାବାଦ ୩-୧ ସେଟ୍‌ରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ସେହିପରି ତୃତୀୟ ମ୍ୟାଚ୍‌ରେ ଇଣ୍ଡିଆନ ଆର୍ମି ୩-୦ ସେଟ୍‌ରେ ହରିଆଣା ସ୍ୱାଇକରକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଜାତୀୟସ୍ତର ରେଫରୀ ହିମାଂଶୁ ଶେଖର ଦାସ ଓ ସୂର୍ଯ୍ୟକୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

## ଯୌତୁକ ପାଇଁ ହତ୍ୟା ଅଭିଯୋଗ

ବାସୁଦେବପୁର, ୧୧।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଥାନା ଅଧୀନ ନରସିଂହପୁର ପଞ୍ଚାୟତର ଜୟପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଘର ଭିତରୁ ଜବତ କରାଯାଇଛି। ମୃତା ମହିଳା ହେଉଛନ୍ତି ଜୟପୁର ଗ୍ରାମର ମନୋରଞ୍ଜନ ମହାପାତ୍ରଙ୍କ ସ୍ତ୍ରୀ ଲୁସିରାଣୀ ପାଢ଼ୀ(୩୫)। ଲୁସିରାଣୀଙ୍କ ମୃତ୍ୟୁ ସନ୍ଦେହଜନକ ହୋଇଥିବା ବେଳେ ତାଙ୍କ ବାପା ଅପୂର୍ବ ରଞ୍ଜନ ପାଢ଼ୀଙ୍କ ଅଭିଯୋଗକ୍ରମେ ବାସୁଦେବପୁର ପୋଲିସ ଏକ ହତ୍ୟା ମାମଲା (ନଂ.୧୪୭/୨୫) ରୁଜୁ କରିଛି। ଅଧିକ ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ଅପୂର୍ବ ଅଭିଯୋଗରେ ଦର୍ଶାଇଛନ୍ତି। ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାର ତଦନ୍ତ ଚଳାଇଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା।

# ଲକ୍ଷପତି ଦିଦି ହେବାକୁ ପରାମର୍ଶ


ଲକ୍ଷପତି ଦିଦି କର୍ମଶାଳାରେ ଅଂଶଗ୍ରହଣ କରିଥିବା ମହିଳାମାନେ।

ଭଦ୍ରକ, ୧୧।୩(ସନାତନ ରାଉତ)

ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ଭଦ୍ରକ ଆର୍‌ଏମ୍‌ସି ପଡ଼ିଆରେ ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ହୃଷୀକେଶ ବେହେରା, ସମସ୍ତ ବ୍ଲକର ବିଡିଓ ପ୍ରମୁଖ ଯୋଗ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବ୍ୟାଙ୍କ ଋଣ ନେଇ ମାଛ ଚାଷ, ଗୋପାଳନ, କୁକୁଡ଼ା ଚାଷ ସମେତ ଧୂପ, ପାମ୍ପଡ଼ ଆଦି ସାମଗ୍ରୀ ଉତ୍ପାଦନ କରି ବ୍ୟବସାୟ ମାଧ୍ୟମରେ ଲକ୍ଷପତି ଦିଦି ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ଲକ୍ଷପତି ମହିଳାମାନେ ସେମାନଙ୍କ ବ୍ୟାବସାୟିକ ଅନୁଭୂତି ପ୍ରକାଶ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲେ। ଜିଲାର ସମସ୍ତ ବ୍ଲକରୁ ବହୁ ମହିଳା କର୍ମଶାଳାରେ ଯୋଗ ଦେଇଥିଲେ। ଜୀବିକା ମିଶନ ଜିଲା ସଂଯୋଜକ ଅଭିକ୍ ନାରାୟନ୍ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ, ୩ ଗିରଫ

ଭଦ୍ରକ, ୧୧।୩(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ପୋଲିସ ହେଲାସାହିର ଏକ ନକଲି ଜର୍ଦ୍ଦା କାରଖାନାରେ ଚଢ଼ାଉ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରିଛି। ଏଏସ୍‌ଆଇ ମନୋରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହେଲାସାହିର ଏକ ଘରେ ଚାଲିଥିବା ଉକ୍ତ କାରଖାନାରେ ଚଢ଼ାଉ କରିଥିଲା। ବିଭିନ୍ନ ଜର୍ଦ୍ଦା କମ୍ପାନୀର ଡବା, କେମିକାଲ, ଖୋଲା ଜର୍ଦ୍ଦା ସହ ଏକ ସ୍କୁଟି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ହେଲାସାହିର ଶେଖ୍ ମଇରାଜୁଦ୍ଦିନ(୨୮), ମୀର ନିଆଜ କାଦ୍ରୀ(୨୫) ଓ ଶେଖ୍ ଅରବାଜ୍(୨୨)ଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ଅପରାହ୍ନ ୨ଟାରେ ପୁରୁଣାବଜାର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ସମିତ କୁମାର ମାଝୀ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୫୭/୨୫) ରୁଜୁ ହୋଇଛି।

## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ଟ୍ରକ୍



କେନ୍ଦୁଝର,୧୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ତେଲକୋଇ ଥାନା ଅଧୀନ ଜଗମୋହନପୁର ନିକଟସ୍ଥ ୪୯ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଏକ ଟ୍ରକ୍‌ରେ ହଠାତ୍ ନିଆଁ ଲାଗି ଜଳି ଯାଇଛି। ଟ୍ରକ୍ ଚାଳକ ସୁରକ୍ଷିତ ବର୍ତ୍ତି ଯାଇଛନ୍ତି। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ। ତେଲକୋଇରୁ ଦମକଳ କେନ୍ଦ୍ର ଗାଡ଼ି ପହଞ୍ଚି ନିଆଁ ଲିଭାଇଥିଲେ ହେଁ ଗାଡ଼ିଟି ଜଳିଯାଇଥିଲା। ଏଥିପାଇଁ ଦୀର୍ଘ ଘଣ୍ଟା ଧରି ଜାତୀୟ ରାଜପଥରେ ଗାଡ଼ିଚଳା ଚଳ ବନ୍ଦ ରହିଥିଲା। ଟ୍ରକ୍‌ଟି ବାଂଶପାଳ ବ୍ଲକ ଅଁରା ଗ୍ରାମର ବୋଲି ଜଣାପଡ଼ିଛି। କେନ୍ଦୁଝରରୁ ପିଲେଟ ଧରି ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ଜଗମୋହନପୁର ନିକଟ ବିଛାଖଣି ନିକଟରେ ଅପରାହ୍ନ ପ୍ରାୟ ୧ଟା ସମୟରେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି।

### ବିଦ୍ୟାଳୟର ବାର୍ଷିକୋତ୍ସବ

ବଉଳା, ୧୧।୩(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତ ଅଧୀନ ରଗୁଡିଆର ମା' ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତଥା ଓଲଷ୍ଟା ସଂଘର ହାଟଡିହୀ ସଭାପତି ରମେଶ କୁମାର ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ଓଲଷ୍ଟା ସଂଘ କଟକର ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ଶାସିନି ମୁଖ୍ୟଅତିଥି, ଓଲଷ୍ଟାର କେନ୍ଦୁଝର ସଭାପତି ଅଭୟ କୁମାର ଜେନା ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଲେଖ ଚରଣ ପହି, ଶିକ୍ଷାବିତ୍ ମୋହନ କୁମାର ମହାନ୍ତି, ଶିକ୍ଷକ ସଞ୍ଜୟ ସାହୁ, ଦଶରଥ ମହାରଣା, ଗୀତାରାଣୀ ମହାନ୍ତି, ନରୋତ୍ତମ ସେଠୀ, ସିଙ୍ଗା ହୋ, ରଘୁନାଥ ମହାନ୍ତି ଓ ମଦନ ଟୁଡୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଥିଲେ।

# ଜବରଦଖଲ ଉଚ୍ଛେଦକୁ ନେଇ ଅସନ୍ତୋଷ

କେନ୍ଦୁଝର,୧୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ମଙ୍ଗଳବାର ମଣ୍ଡୁଆରେ ଜବରଦାଖଲ ଉଚ୍ଛେଦ ବେଳେ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟରାସ୍ତାଠାରୁ ଦୂରରେ କିଛି ବେକାର ଯୁବକ କ୍ୟାବିନ ପକାଇ ପେଟ ପୋଷୁଥିଲେ, ଯାହାକି ରାସ୍ତା ଅବରୋଧରେ କୌଣସି ସମସ୍ୟା ସୃଷ୍ଟି ହେଉ ନ ଥିଲା। ସେଠାରେ କୌଣସି ଭେଣ୍ଡିଂ ଜୋନର ବ୍ୟବସ୍ଥା ମଧ୍ୟ ନାହିଁ। ସହରର ଉକ୍ତ ରାସ୍ତାରେ ଆରଟିଓ ଅଫିସଠାରୁ ଆରମ୍ଭ କରି ବହୁ ଦୋକାନ ଜବରଦଖଲ କରିଥିବା ନେଇ ପୌରପାଳିକା ପକ୍ଷରୁ ଚିହ୍ନଟ କରାଯାଇଥିଲେ ହେଁ ଉଚ୍ଛେଦ କରା ନ ଯାଇ କିମ୍ବା ରାସ୍ତା ଆରମ୍ଭରୁ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଇଛି।

ପ୍ରକ୍ରିୟା ଆରମ୍ଭ ନ କରି ଏଭଳି ଉଚ୍ଛେଦକୁ ଅନେକ ନାପସନ୍ଦ କରିଛନ୍ତି। ସେହିପରି ସହରରେ ଅନେକ କ୍ଷମତାଶାଳୀ ଲୋକଙ୍କ ପ୍ଲାନ ବାହାରେ ବିନା ପାର୍କିଂ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ, କୋଠାବାଡ଼ି ଗଢି ଉଠିଥିବା ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଏଣୁ ସେସବୁ ଉଚ୍ଛେଦ କରାଗଲେ ପେଟପାଟଣା ପାଇଁ ଦୋକାନ କରିଥିବା ଗରିବ ଲୋକ ଆପେ ଆପେ ଉଠାଇନେବେ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

ଏଣୁ ସେମାନଙ୍କୁ ତୁରନ୍ତ ଥଇଥାନ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ଜିଲା ପରିଷଦ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି। ଉଚ୍ଛେଦରେ ପକ୍ଷପାତିତା କରାଗଲେ ଅସନ୍ତୋଷ ବୃଦ୍ଧି ପାଇବ ଏବଂ ପୁଞ୍ଜିଭୂତ ଅସନ୍ତୋଷ ଉଗ୍ରରୂପ ଧାରଣ କରିବ, ଯାହା ପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ସାମାଜିକ କର୍ମୀ ଦିଲୀପ କୁମାର ସାହୁ କହିଛନ୍ତି।

# ୨୭,୩୧୮ ମହିଳା ହୋଇଛନ୍ତି ଲକ୍ଷପତି



କର୍ମଶାଳାରେ ଉପସ୍ଥିତ ମହିଳାମାନେ।

**ଜିଲାସ୍ତରୀୟ କର୍ମଶାଳା**

କେନ୍ଦୁଝର,୧୧।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝରସ୍ଥିତ ଅଡିଟୋରିୟମଠାରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦିମାନଙ୍କୁ ନେଇ ମଙ୍ଗଳବାର ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ପ୍ରଶାସନ ସଦା ସର୍ବଦା ମହିଳାମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ଓ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା ପାଇଁ କାର୍ଯ୍ୟ କରୁଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଚନ୍ଦ୍ରଶେଖର ରଥ ଓ ନାବାର୍ଡର ଅଧିକାରୀ ଦୀପ୍ତିକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଏହିକାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଲକ୍ଷପତି ଦିଦିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କେନ୍ଦୁଝର ଜିଲାରେ ଏଯାବତ ୨୭,୩୧୮ ମହିଳା ଲକ୍ଷପତି ହୋଇପାରିଛନ୍ତି। ଆଗକୁ ଏହି ସଂଖ୍ୟା ପ୍ରାୟ ୬୦ ହଜାର ଛୁଇଁବାର ଆଶା ରଖାଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନର ଜିଲାପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା ସଂଯୋଜନା କରିଥିଲେ। ଜିଲା ପ୍ରକଳ୍ପ ସଂଯୋଜିକା ସନ୍ଧିଧା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା, ୧୧।୩(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସରକାରୀ ଉର୍ଦ୍ଦୁ ମକ୍ତବ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ମୁଖ୍ୟବକ୍ତା ଭାବେ ପାଟଣା ବ୍ଲକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ଓଝା, ପାଟଣା କେନ୍ଦ୍ର ସଂଯୋଜକ ଜ୍ୟୋତିର୍ମୟ ତ୍ରିପାଠୀ , ପରିଚାଳନା ପରିଷଦ ସଭାପତି ସରଫରାଜ ଆଲାମ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଜଗନ୍ନାଥ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରିଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ।

କେନ୍ଦୁଝର, ୧୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁ ଶାସ୍ତ୍ରୀୟ ଭାଷା ଦିବସ ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗଦେଇ ଓଡ଼ିଆ ଭାଷାର ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମସ୍ତେ ଶୁଦ୍ଧ ଓଡ଼ିଆ କହିବା ସହ ଲୋପ ପାଉଥିବା ଗ୍ରାମାଞ୍ଚଳ ଭାଷାକୁ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ବିଭାଗ ମୁଖ୍ୟ ପ୍ରଫେସର ଡ. ଧର୍ମବୀର ମୋହନ ସିଂ ସ୍ୱାଗତ ବକ୍ତବ୍ୟ ରଖି ଓଡ଼ିଆ ଭାଷାର ପ୍ରାଚୀନତା, ଉଦ୍ଭବ ଓ ଏହାର କ୍ରମବିକାଶ ସମ୍ପର୍କରେ କହିଥିଲେ। ବିଭାଗର ଅନ୍ୟତମ ବରିଷ୍ଠ ପ୍ରଫେସର ଡ. ରଷିନାଥ ନାଏକ ଓଡ଼ିଆ ଭାଷାର ସ୍ୱଚ୍ଛତା ଓ କର୍ଯ୍ୟାଳୟଗୁଡ଼ିକରେ କିପରି ଏହାର ବ୍ୟବହାର ଅଧିକରୁ ଅଧିକ ହୋଇପାରିବ, କିପରି ସହଜ ହୋଇପାରିବ ସେନେଇ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରଫେସର ଡ. ସୂର୍ଯ୍ୟକାନ୍ତ ନାଏକ ଏବଂ ଅଧ୍ୟାପିକା ବର୍ଷାରାଣୀ ବେହେରା ବକ୍ତବ୍ୟ ରଖିଥିଲେ। ଓଡ଼ିଆ ଭାଷାରେ ବିଭିନ୍ନ ପ୍ରବନ୍ଧ, ଗଳ୍ପ, କବିତା ଲେଖାଯାଇ ଭାଷା ସାହିତ୍ୟକୁ କିପରି ସମୃଦ୍ଧ କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀମାନଙ୍କ ଆଗରେ ଦୃଷ୍ଟିପାତ କରିଥିଲେ।

ଏହି ଅବସରରେ ବିଭିନ୍ନ ଭାଷା ସମ୍ପର୍କିତ ପ୍ରବନ୍ଧ, ଗଳ୍ପ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୩ ତୃତୀୟ ବର୍ଷର ପାଠଚକ୍ର ସମ୍ପାଦିକା ଡଲି ମହାନ୍ତ, ଦ୍ୱିତୀୟ ବର୍ଷର ପାଠଚକ୍ର ସମ୍ପାଦିକା ରାଜଲକ୍ଷ୍ମୀ ଦାସ, ପ୍ରଥମ ବର୍ଷର ପାଠଚକ୍ର ସମ୍ପାଦିକା ଜୟସ୍ମିତା କଅଁର ଏବଂ ଛାତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଉଛି।

ଯୋଡ଼ା, ୧୧।୩ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ସଭାଗୃହରେ ଓଡ଼ିଶା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସିଦ୍ଧାର୍ଥ ସାରଥୀ କର, ସମ୍ପାଦକ ବେଣୁଧର ବେହେରା, ଏମ୍‌ପିଙ୍କ ଯୋଡ଼ା ନଗର ପ୍ରତିନିଧି ବିଚିତ୍ରାନନ୍ଦ ଦାଶ, ନଗର ଭାଜପା ସଭାପତି ପାର୍ଥସାରଥୀ ଷଡ଼ଙ୍ଗୀ, ପୂର୍ବତନ ସଭାପତି ସୁଶାନ୍ତ କୁମାର ବେବର୍ତ୍ତା, ନଗର କଂଗ୍ରେସ କମିଟି ସଭାପତି ସୁବ୍ରତ ନାୟକ, ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ପୂର୍ବତନ କାଉନସିଲର ଶୈଳେନ୍ଦ୍ର ଜୋରା ଯୋଗ ଦେଇଥିଲେ।

## ମୟୂରଭଞ୍ଜ

# ଅନ୍ତର୍ଜାତୀୟ ମହିଳା ଦିବସ

ବୈଶିଙ୍ଗା, ୧୧।୩(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟର ସମୟରେ ଅନ୍ତର୍ଜାତୀୟ ମହିଳା ଦିବସ ରେଡ଼କ୍ରସ ଏବଂ ଏନ୍‌ଏସ୍‌ଏସ୍‌ର ମିଳିତ ଉଦ୍ୟମରେ ପାଳନ କରାଯାଇଛି। ଅଧ୍ୟକ୍ଷ ତଥା ଇଂଲିଶ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ଛାତ୍ରୀଛାତ୍ରମାନଙ୍କୁ ଦୃଢ଼ ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାର ଉତ୍ସାହ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ଯୁଗଶ୍ରୀ ଓ ଯୁଗନାରୀ ମାସିକ ପତ୍ରିକାର ସମ୍ପାଦିକା ମମତା ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଗଡ଼ଦେଉଳିଆ ଶାଖାର ଶାଖା ପରିଚାଳିକା ପଙ୍କଜିନି ସେଠି ଯୋଗଦାନ କରି ପିଲାମାନଙ୍କୁ ସତ୍ୟ, ଶୃଙ୍ଖଳା ଓ ଆତ୍ମଶକ୍ତି ଉପରେ ସବିଶେଷ ଧାରଣା ଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସମସ୍ତ ଅଧ୍ୟାପିକାମାନଙ୍କୁ ମହିଳା ଦିବସ ଉପଲକ୍ଷେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଜିତେନ୍ଦ୍ର ଖଟୁଆ ନିଜର ମତବ୍ୟକ୍ତ କରିଥିଲେ। ରେଡକ୍ରସ ଅଧିକାରୀ ମହେନ୍ଦ୍ର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ବିଜୟ କୁମାର ତ୍ରିପାଠୀ। ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ମୋରଡ଼ା, ୧୧।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଦାନ୍ତିଆମୁହାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦାନ୍ତିଆମୁହାଁ କ୍ଲଷ୍ଟରର ସିଆରସିସି କୌଶିକ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କର୍ମଶାଳା ସୋମବାରଠାରୁ ଆରମ୍ଭ ହୋଇଥିଲା। ଉକ୍ତ କର୍ମଶାଳାରେ ୧୨ଟି ବିଦ୍ୟାଳୟରୁ ଜଣେ ଲେଖାଏ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିବା ବେଳେ ମୋଟ ୧୨୦ଟି ହାତ ତିଆରି ବିଭିନ୍ନ ଶିକ୍ଷଣୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଦାନ୍ତିଆମୁହାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରୋଗୀ ବେଶରେ ଆସି ସୁନାଚେନ ଲୁଟ

ଠାକୁରମୁଣ୍ଡା, ୧୧।୩(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ କେନ୍ଦୁଜିଆଣିର ଯୋଡିବିଲଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ମଙ୍ଗଳବାର ଜଣେ ଦୁର୍ବୃତ୍ତ ରୋଗୀ ବେଶରେ ଆସି କାର୍ଯ୍ୟରତ ସିଏଚ୍‌ଓ (କମ୍ୟୁନିଟି ହେଲ୍‌ଥ ଅଫିସର)ଙ୍କୁ ବନ୍ଧୁକ ଦେଖାଇ ସୁନାଚେନ ଲୁଟି ଫେରାର ହୋଇଯାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୨୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟାରେ ସିଏଚ୍‌ଓ ଟୁଇଁକିଲ ବେହେରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିବାବେଳେ ଜଣେ ଯୁବକ ବାଇକ୍ ଯୋଗେ ଆସି ତାଙ୍କୁ ପେନକ୍ଲିୟର ଇଞ୍ଜେକ୍ସନ ମାଗିଥିଲେ। ସିଏଚ୍‌ଓ ବେହେରା ଇଞ୍ଜେକ୍ସନ ଆଣିବା ସମୟରେ ଦୁର୍ବୃତ୍ତ ଜଣକ ଟେବୁଲ ଉପରେ ଥିବା ତାଙ୍କ ମୋବାଇଲକୁ ନେଇଯାଇଥିଲେ। ସିଏଚ୍‌ଓ ବେହେରା ମୋବାଇଲ ମାଗିବାରୁ ଦୁର୍ବୃତ୍ତ ଜଣକ ତାଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରାଇ ବେକରେ ପିନ୍ଧିଥିବା ସୁନା ଚେନ ଦେବାକୁ କହିଥିଲେ। ସିଏଚ୍‌ଓ ବେହେରା ସୁନାଚେନ ଦେବା ପରେ ଦୁର୍ବୃତ୍ତ ଜଣକ ତାଙ୍କ ମୋବାଇଲକୁ ବାହାରେ ଫୋପାଡ଼ି ଦେଇ ବାଇକ୍ ଯୋଗେ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି।

# ଚୋରା ବାଲି ଜବତ

ଉଦଳା, ୧୧।୩(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ତହସିଲ ଅଧୀନ ବଜରପୁରଠାରେ ସୋନ ନଦୀରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଖବରପାଇ ପ୍ରଶାସନ ଚଢ଼ାଉ କରି ୨ ଲକ୍ଷ ଟଙ୍କାର ବାଲି ଜବତ କରିଛି। ସୋମବାର ରାତିରେ କପ୍ତିପଦା ପୋଲିସ ସହିତ ତହସିଲ ପ୍ରଶାସନ ମିଳିତ ଭାବେ ଚଢ଼ାଉ କରିଥିଲା। ଚାଲାଣ ପାଇଁ ଗଛିତ ରଖାଯାଇଥିବା ୫୦ ଟ୍ରିପରୁ ଅଧିକ ବାଲି ଜବତ କରାଯାଇଛି। ରାତି ତମାମ ଜବତ ବାଲିକୁ ଘାଟରୁ ଜବତ କରି ତହସିଲକୁ ନିଆଯାଇଛି। ଜବତ ବାଲିର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାଯାଇଛି। ଖୁବଶୀଘ୍ର ଚୋରାଚାଲାଣକାରୀମାନଙ୍କୁ ଗିରଫ କରାଯିବ ବୋଲି ଥାନା ଆଇଆଇସି କହିଛନ୍ତି।

# ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା ଜଣେ ମୃତ, ୩ ଗୁରୁତର

ବାଙ୍ଗିରିପୋଷି, ୧୧।୩(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିସ୍ଥିତ ଦ୍ୱାରଶୁଣୀ ଘାଟି ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥରେ ସିରିଜ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଏକ କୋଇଲା ବୋଝେଇ ଟ୍ରକ୍ ଝାରସୁଗୁଡାରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ବ୍ରେକ ଫେଲ ଯୋଗୁ ଭାରସାମ୍ୟ ହରାଇ ପ୍ରଥମେ ଏକ କାର ଓ ବାଇକ୍‌କୁ ଧକ୍କାଦେଇ ରାସ୍ତା କଡ଼କୁ ମାଡ଼ି ଯାଇଥିଲା। ଫଳରେ ଟ୍ରକ୍ ଡ୍ରାଇଭର, ହେଲପର ଗୁରୁତର ଆହତ ହୋଇଥିଲା ବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ଟ୍ରକ ଚାଳକ ଝାଡଖଣ୍ଡ ବୀରଭୂମ ଅଞ୍ଚଳର ସାଇଦ ମିଆଁ(୨୪) ଓ ହେଲପର ଖଡଗପୁର ଅଞ୍ଚଳର ରାମପଦ ପାଲ(୨୨) ଗୁରୁତର ହୋଇଥିବା ବେଳେ ସାଙ୍ଗରେ ବୁଲିବାକୁ ଆସିଥିବା ଟ୍ରକ୍‌ଚାଳକଙ୍କ ଭାଇ ମୋହିତ ମିଆଁ ଦୁର୍ଘଟଣା ଭୟରେ ଚଳନ୍ତା ଟ୍ରକରୁ ଡେଇଁ ପଡ଼ିବାରୁ ରାସ୍ତା କଡ଼ରେ ଥିବା କଂକ୍ରିଟ ବାଡରେ ପିଟିହୋଇ ପ୍ରାଣ ହରାଇଥିବା ସୂଚନା ମିଳିଛି।

# ୪୬ ହଜାର ଲକ୍ଷପତି ଦିଦି ସୃଷ୍ଟି

**ମୟୂରଭଞ୍ଜ ଜିଲା**

ବାରିପଦା, ୧୧।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ଜୀବିକା ମିଶନ ତଥା ମୟୂରଭଞ୍ଜ ଜିଲା ପ୍ରଶାସନ ଆନୁକୂଲ୍ୟରେ ଲକ୍ଷପତି ଦିଦି ସମ୍ପର୍କିତ ଏକ ଦିନିକିଆ ଜିଲାସ୍ତରୀୟ କର୍ମଶାଳା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବାରିପଦା କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ହେମକାନ୍ତ ସୟ ଉଦ୍‌ଘାଟନ କରିଥିଲେ। ମାଆମାନେ ଲକ୍ଷପତି ହୋଇପାରିଲେ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତାରେ ଉନ୍ନତି ଘଟିବା ସଙ୍ଗେ ସଙ୍ଗେ ସେମାନଙ୍କ ପିଲାମାନେ ପାଠ ପଢ଼ି ବଡ଼ ମଣିଷ ହୋଇପାରିବେ ବୋଲି ଜିଲାପାଳ କହିଥିଲେ।

ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ନବୀନ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡିପିସି ଏମ୍‌ଏସ୍ ନିରଞ୍ଜନ ପଣ୍ଡା ଏହି ଯୋଜନାରେ ଲକ୍ଷପତି ହେବାର ମେକାନିଜିମ ସମ୍ପର୍କରେ ବିଶଦ ଭାବେ ଉଲ୍ଲେଖ କରିଥିଲେ। ମୟୂରଭଞ୍ଜ



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

ଜିଲାରେ ସମୁଦାୟ ୧ ଲକ୍ଷ ଲକ୍ଷପତି ଦିଦି ତିଆରି ପାଇଁ ଲକ୍ଷ୍ୟ ରଖା ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୬ ହଜାର ମାଆ ଲକ୍ଷପତି ଦିଦି ହୋଇସାରିଲେଣି ବୋଲି କହିଥିଲେ। ଏହି ଯୋଜନାରେ ଅଧିକ ଆୟ କରିଥିବା ପ୍ରତି ବ୍ଲକରୁ ୨ଜଣ ଲକ୍ଷପତି ଦିଦି ଏବଂ ୩ଟି ବ୍ୟାଙ୍କ ଯେଉଁମାନେ ଲକ୍ଷପତି ଦିଦି ବନେଇବାରେ ଆବଶ୍ୟକୀୟ ଆର୍ଥିକ ସହଯୋଗ କରିଥିଲେ ଉକ୍ତ ବ୍ୟାଙ୍କ ଗୁଡିକୁ ପୁରସ୍କୃତ କରାଯାଇଥିଲା। ଖୁଣ୍ଟା, ମୋରଡା ଓ ବଡ଼ସାହି ବ୍ଲକରେ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ଚିହ୍ନିତ ହୋଇଥିବାରୁ ଏହି ୩ଟି ବ୍ଲକକୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଡା କଳ୍ପତରୁ ସ୍ୱାଇଁ, ଡିଡିଏମ ନାବାର୍ଡ ସ୍ମାରକ ମହାନ୍ତି,ଏଲଡିଏମ ସୂର୍ଯ୍ୟ ନାରାୟଣ ମହାନ୍ତି, ଜିଏମ ଡିଆଇସି ଅଜୟ କୁମାର ମହାନ୍ତ, ଶାମାଖୁଣ୍ଟା କେଭିକେର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ଡେପୁଟି ସିଇଓ ଓରମାସ ବିମାନ ମଲ, ଡିଏସଡବ୍ଲ୍ୟୁଓ ନିହାରିକା ମହାନ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷିମିତ୍ର, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ର, ସ୍ୱୟଂସହାୟିକା ଗୋଷ୍ଠୀ, କମ୍ୟୁନିଟି ସପୋର୍ଟ ଷ୍ଟାଫ, ଏମ୍‌ବିକେମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡା ମଞ୍ଚ ପରିଚାଳନା କରିଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ

ବାରିପଦା, ୧୧।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ଡୁକୁରା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ମଙ୍ଗଳବାର ପୂର୍ବାହ୍ନରେ ଅନାସ୍ଥା ଭୋଟ ଗ୍ରହଣ କରାଯାଇଛି। ଏଥିରେ ସରପଞ୍ଚଙ୍କ ବିରୋଧରେ ଅଭିଯୋଗ କରିଥିବା ୯ ୱାର୍ଡ ସଭ୍ୟ ଭୋଟ ଦେଇଥିବା ବେଳେ ସପକ୍ଷରେ ଥିବା ୩ ୱାର୍ଡ ସଭ୍ୟ ଅନୁପସ୍ଥିତ ରହିଥିବା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, ଡୁକୁରା ପଞ୍ଚାୟତର ସରପଞ୍ଚ ପାର୍ବତୀ ନାଏକଙ୍କୁ କେତେକ ୱାର୍ଡ ସଭ୍ୟ ବାରମ୍ବାର ବିରୋଧ କରୁଥିଲେ। ଏପରିକି ୱାର୍ଡ ନଂ. ୫, ୬, ୮ ଓ ୧୦ର ସଭ୍ୟମାନେ କ୍ରମାଗତ ଭାବେ ୫ଟି ବୈଠକରେ ଅନୁପସ୍ଥିତ ରହିଥିଲେ। ଯାହାକୁ ନେଇ ସେମାନଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ସରପଞ୍ଚ ଲିଖିତ ଭାବେ ଜିଲାପାଳ ଓ ଉପଜିଲାପାଳଙ୍କୁ ଅବଗତ କରିଥିଲେ। ଘଟଣା ସମ୍ପର୍କରେ ବିଡିଓ ତଦନ୍ତ କରିବା ପାଇଁ ବିଭାଗୀୟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେ ସମ୍ପର୍କରେ କୌଣସି ତଦନ୍ତ କରା ଯାଇ ନ ଥିଲା। ଅନ୍ୟପକ୍ଷରେ ସରପଞ୍ଚଙ୍କ ବିରୋଧରେ ୱାର୍ଡସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। କପ୍ତିପଦା ଉପଜିଲାପାଳ ମଙ୍ଗଳବାର ଅନାସ୍ଥା ଭୋଟ ଗ୍ରହଣ ପାଇଁ ନୋଟିସ ଜାରି କରିଥିଲେ।

